# ‘ମହିମା ଧର୍ମ ଯୋଗୁ ଢେଙ୍କାନାଳ ପରିଚିତ’


ମହିମା ମହୋତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଛନ୍ଦା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ମହିମା ମହୋତ୍ସବ

ଢେଙ୍କାନାଳ,୩୦।୧୦(ରତନ ନାୟାର)

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ମହିମା ମହୋତ୍ସବ-୨୦୨୩ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସାମ୍ବାଦିକ ସଂଘ, ଜିଲା ସଂସ୍କୃତି ପରିଷଦ, ରାଜ୍ୟ ସଂସ୍କୃତି ବିଭାଗ, କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଓ ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ସହାୟତାରେ ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ମହିମାଧର୍ମ ଯୋଗୁ ଢେଙ୍କାନାଳ ପରିଚିତ। ଏହି ଧର୍ମ ଢେଙ୍କାନାଳରୁ ଦେଶର ଅନ୍ୟାନ୍ୟ ସ୍ଥାନରେ ପହଞ୍ଚିଥିଲା। ମହିମା ଧର୍ମକୁ ଅଧିକ ବ୍ୟାପକ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ କହିଲେ, ୩୮ବର୍ଷ ଧରି ନଟରାଜ ଅନୁଷ୍ଠାନ ଢେଙ୍କାନାଳ ଜିଲାରୁ ବହୁ ପ୍ରତିଭାବାନ କଳାକାର ସୃଷ୍ଟି କରି ଜାତୀୟ ଓ ରାଜ୍ୟସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଥିବାରୁ ଅନୁଷ୍ଠାନର ଉତରୋତ୍ତର ଉନ୍ନତି କାମନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମହିମାପୀଠ ଯୋରନ୍ଦାର ଉନ୍ନତୀକରଣ ପାଇଁ ମଞ୍ଜୁର ହୋଇଥିବା ୧୧୨ କୋଟି ଟଙ୍କାରୁ ୯୮କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ଉପସ୍ଥିତ କୌପୀନଧାରୀ ମହିମା ସମାଜ ସଭାପତି ଶ୍ରୀମଦ ରଘୁନାଥ ବାବା କହିଲେ, ଶରୀର ତତ୍ତ୍ୱ ଓ ଆଧ୍ୟାତ୍ମିକ ତତ୍ତ୍ୱରେ ମହିମାଧର୍ମ ପ୍ରତିଷ୍ଠିତ। ଜଗତକୁ ଉଦ୍ଧାର କରିବା ପାଇଁ ମହିମା ଗୋସାଇଁ ଏ ଧର୍ମକୁ ପ୍ରତିଷ୍ଠା କରିଛନ୍ତି। ସମ୍ମାନିତ ଅତିଥି ଭାବେ ମହିମା ସନ୍ନ୍ୟାସୀ ଜ୍ଞାନୀ ବାବା, କନ୍ଦର୍ପ ବାବା, କରୁଣାକର ବାବା, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ମଞ୍ଚାସୀନ ଥିଲେ। ଏହି ଅବସରରେ ବିଶିଷ୍ଟ ତାବଲା ବାଦକ ଭାସ୍କରଚନ୍ଦ୍ର କୁଅଁର ସ୍ମୃତି ସମ୍ମାନରେ ଅର୍ଜୁନ ବିଶ୍ୱକର୍ମା, ନଟରାଜ ସଙ୍ଗୀତ ସମ୍ମାନରେ ଡ. ଛନ୍ଦା ମିଶ୍ର, ନାଟକ ସମ୍ମାନରେ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସ୍ମରଣିକାକୁ ଉନ୍ମୋଚନ କରାଯାଇଥିଲା। କୋଷାଧ୍ୟକ୍ଷ ପ୍ରଣବାନନ୍ଦ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନଟରାଜ ଅନୁଷ୍ଠାନର ଆଜୀବନ ସଭାପତି କୃଷ୍ଣକୁମାର ମିଶ୍ର, ଉପଦେଷ୍ଟା, ନବୀନଚନ୍ଦ୍ର ନାରାୟଣ ଦାସ, ଗୁରୁ ଜ୍ୟୋସ୍ନାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନୃତ୍ୟମ୍ ଅନୁଷ୍ଠାନର ୨ ଛାତ୍ରୀ ସମ୍ବର୍ଦ୍ଧିତ

ଢେଙ୍କାନାଳ,୩୦।୧୦(ରତନ ନାୟାର)

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟମର ଛାତ୍ରୀ ସ୍ୱେତା ପାଣି ଓ ଦେବାଂଶୀ ଆର୍ ଗାନ୍ଧୀଙ୍କୁ ୩୮ତମ କୁମାର ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁ ନିରଞ୍ଜନ ରାଉତଙ୍କଠାରୁ ନୃତ୍ୟଶିକ୍ଷା ନେଉଥିବା ସ୍ୱେତା ପାଣିଙ୍କୁ ନଟରାଜ ସ୍ମୃତି ସମ୍ମାନ ଓ ଦେବାଂଶୀ ଆର୍ ଗାନ୍ଧୀଙ୍କୁ ଗୁରୁ ଗଙ୍ଗାଧର ପ୍ରଧାନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମନୋରମା ସିଂଙ୍କ ସମେତ ବହୁ କର୍ମକର୍ତ୍ତା ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗଛରେ ପିଟିହେଲା ବସ୍, ୫ ଆହତ

ଢେଙ୍କାନାଳ,୩୦।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଜଙ୍ଘିରାଠାରେ ସୋମବାର ଏକ ବସ୍ ଗଛରେ ପିଟି ହୋଇଯିବାରୁ ୫ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ବେଲଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ସରପଞ୍ଚ ବଳଭଦ୍ର ସାମଲ ପହଞ୍ଚି ଚିକିତ୍ସା ତଦାରଖ କରିଥିଲେ। ଜଣେ ଗୁରୁତର ଯାତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବସ୍‌ଟି ଢେଙ୍କାନାଳରୁ ଯୋରନ୍ଦା ଅଭିମୁଖେ ଯାଉଥିବାବେଳେ ଜଣେ ସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ସଚେତନ କରିବ ସଞ୍ଚୟ ରଥ


ସଞ୍ଚୟ ରଥର ଶୁଭାରମ୍ଭ କରାଯାଉଛି।

ଢେଙ୍କାନାଳ,୩୦।୧୦(ରତନ ନାୟାର)

ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିଶ୍ୱ ମିତବ୍ୟୟିତା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ ପତାକା ଦେଖାଇ ସଞ୍ଚୟ ରଥକୁ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଲୋକମାନଙ୍କୁ ସଞ୍ଚୟ ଉପରେ ସଚେତନ କରିବ। ଏଥିସହିତ ଅଣ ବ୍ୟାଙ୍କିଂ ସଂସ୍ଥାର ଅର୍ଥ କାରବାରରେ ଠକାମିର ଶିକାର ନେଇ ସଜାଗ ରହିବା ପାଇଁ ମଧ୍ୟ ସଚେତନ କରିବ। ସହର ପରିକ୍ରମା କରିବା ପରେ ଏହି ରଥ ଗଦାଶିଳା ଗ୍ରାମଠାରେ ହେଉଥିବା ସଞ୍ଚୟ କାର୍ଯ୍ୟକ୍ରମରେ ସାମିଲ ହେବ। ସଞ୍ଚୟ ଓ ଆର୍ଥିକ ସେବା ଅଧିକାରୀ ପ୍ରଜ୍ଞା ମିଶ୍ର, ଉପଖଣ୍ଡସ୍ତରୀୟ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଅଭିଲିପ୍ସା ମିଶ୍ର ଏବଂ ଏଜେଣ୍ଟମାନେ ଯୋଗ ଦେଇଥିଲେ।

## ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ତାଳଚେର,୩୦।୧୦ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ ଡେରା ପାଣିହାଟିଙ୍ଗଠାରେ ରବିବାର ରାତିରେ ଜଣେ ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତ ମହିଳା ହେଲେ ଜ୍ୟୋତି ମୁଣ୍ଡା (୩୩)। ଖବରପାଇ କଳିୟାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୪୯୫/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତ ଦୁଖୁନୁ ମୁଣ୍ଡା ଫେରାର ଥିବା ପୋଲିସ ସୂଚନା ଦେଇଛି। ପୋଲିସ କହିଛି, ମୃତା ଜ୍ୟୋତିଙ୍କ ସ୍ୱାମୀ ହେଉଛନ୍ତି କାର୍ତ୍ତିକ ମୁଣ୍ଡା। ୧୫ ବର୍ଷ ତଳେ ସେମାନଙ୍କ ବିବାହ ହୋଇଥିଲା। କିନ୍ତୁ ବର୍ଷେ ହେଲା ଜ୍ୟୋତି ବିବାହିତ ଯୁବକ ଦୁଖୁନୁ ମୁଣ୍ଡାଙ୍କ ସହ ପଳାଇ ଯାଇଥିଲେ। ୬ ମାସ ହେଲା ଜ୍ୟୋତି ଓ ଦୁଖୁନୁ ଡେରା ମୁଣ୍ଡା ହଟିଙ୍ଗରେ ରହୁଥିଲେ। ରବିବାର କୌଣସି କାରଣରୁ ଦୁଖୁନୁ ଟାଙ୍ଗିଆରେ ଜ୍ୟୋତିଙ୍କ ବେକ, ମୁଣ୍ଡ, କାନ ଓ ଆଖିକୁ ହାଣି ପକାଇଥିଲେ। ଘଟଣାସ୍ଥଳରେ ଜ୍ୟୋତିଙ୍କ ମୃତ୍ୟୁ ହୋଇଥିଲା।

# ଲକ୍ଷ୍ମୀ ପୂଜା ପାଇଁ ଭୁବନ ଚଳଚଞ୍ଚଳ

ଭୁବନ,୩୦।୧୦(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳ ଲକ୍ଷ୍ମୀପୂଜା ପାଇଁ ଚଳଚଞ୍ଚଳ ହୋଇପଡିଛି। ଭୁବନର ବଡ଼ହାଟ, ଅରାସାହି ଓ ନୂଆବଜାର ବଣିକ ସଂଘ ସମେତ ବିଭିନ୍ନ ମଣ୍ଡପରେ ମା’ ଧନଦାତ୍ରୀଙ୍କ ପୂଜା ହେଉଛି। ଗ୍ରାମର ପ୍ରମୁଖ ମେଢ଼ କହିଲେ ଲକ୍ଷ୍ମୀ ବଜାର, ବଉଳ ଛକ, ଓଟପଡିଆ, କଂସାରି ସାହି, ଗୋପାଳ ମଣ୍ଡପ, ବାଜିଛକ, ବଣିଆ ସାହି, ନୂଆ ଭୁବନ ଛକ, ଗୋଡିପାଟଣା, ଲକ୍ଷ୍ମୀ ଛକ ଓ ଶ୍ରୀ ଅରବିନ୍ଦ ମାର୍ଗରେ ପୂଜା ମା’ଙ୍କ ପୂଜା ପାଳିତ ହେଉଛି। ପ୍ରତ୍ୟେକ ମଣ୍ଡପରେ ପୂଜା ପାଇଁ ନୀତିକାନ୍ତି ସୁଚାରୁରୂପେ ସମ୍ପାଦନା କରାଯାଇଛି। ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ମଣ୍ଡପ ଗୁଡ଼ିକ ଝଲସୁଛି। ସନ୍ଧ୍ୟା ହେଲେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।



## ବ୍ରାଉନ ସୁଗାର ଜବତ, ୨ ଗିରଫ

ଢେଙ୍କାନାଳ,୩୦।୧୦(ରତନ ନାୟାର)

ଢେଙ୍କାନାଳ ସଦର ଥାନା ଗୁଣ୍ଡିଚାପଡା ବସ୍‌ଷ୍ଟାଣ୍ଡ ଏବଂ ସହରସ୍ଥିତ ସିମିଳିଆ ଓଭରବ୍ରିଜ୍ ନିକଟରୁ ୩୬୯ ଗ୍ରାମ୍ ବ୍ରାଉନ ସୁଗାର ଜବତ କରାଯାଇଛି। ଏଥିସହ ଜଣେ ମହିଳା ଓ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। କଟକ ସ୍ପେଶାଲ ବ୍ରାଞ୍ଚ ପୋଲିସ ସଦର ଥାନା ଗୁଣ୍ଡିଚାପଡା ଅଞ୍ଚଳର ମହମ୍ମଦ ଆସିଫ୍ ଅଲ୍ଲୀ ଖାଁ(୨୮)ଙ୍କୁ ଅଟକାଇ ତାଙ୍କଠାରୁ ୨୩୮ ଗ୍ରାମ ବ୍ରାଉନ ସୁଗାର ଓ ବାଇକ୍ ଜବତ କରିଥିଲେ। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ସିମିଳିଆ ଓଭରବ୍ରିଜ୍ ଠାରେ ଅଧିକାରୀମାନେ ପଦାନୀ ବେହେରା(୫୬) ନାମ୍ନୀ ମହିଳାଙ୍କଙ୍କ ଠାରୁ ୧୩୧ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି।



# ଐତିହ୍ୟ, ପରମ୍ପରା ବଜାୟ ରଖିଛି ଗଣେଶ ବଜାର



ଗଣେଶ ବଜାର ପୂଜା ପ୍ରତିଷ୍ଠାନର ହୀରକ ଜୟନ୍ତୀ ଉତ୍ସବର ଉଦ୍‌ଘାଟନ ଅବସରରେ ଅତିଥିମାନେ।

### ହୀରକ ଜୟନ୍ତୀ ଉଦ୍‌ଘାଟିତ

ଢେଙ୍କାନାଳ,୩୦।୧୦(ରତନ ନାୟାର)

ଢେଙ୍କାନାଳ ସହର ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଗଣେଶ ବଜାର ପକ୍ଷରୁ ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହୀରକ ଜୟନ୍ତୀ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଢେଙ୍କାନାଳର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିଛି ଗଣେଶ ବଜାର। ଲକ୍ଷ୍ମୀପୂଜା ଅବସରରେ ସେ ଜିଲାବାସୀ ଓ ସହରବାସୀଙ୍କ ସମୃଦ୍ଧି କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ କହିଲେ, ଢେଙ୍କାନାଳର ପରମ୍ପରା ଓ ସଂସ୍କୃତିର ବାର୍ତ୍ତା ବହନ କରୁଥିବା ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବକୁ ସମସ୍ତେ ଶୃଙ୍ଖଳାର ସହ ପାଳନ କରନ୍ତୁ। ପୂଜା ପ୍ରତିଷ୍ଠାନର ସଭାପତି ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ବିଶ୍ୱନାଥ ବେହେରା ସ୍ୱାଗତ ଭାଷଣ ଓ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀକାନ୍ତ ସାହୁ ସଂଯୋଜନା କରିଥିଲେ। ଭକ୍ତିଚନ୍ଦନ ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।

# ଆକର୍ଷଣ ସାଜିଛି ଲୋଟସ୍ ଟେମ୍ପଲ ତୋରଣ


ଗୁଡ଼ିଆନାଳୀ ପୂଜା ପ୍ରତିଷ୍ଠାନର ତୋରଣ।


ଚାନ୍ଦିମେଢ ସହ ମାଙ୍କ ମୃଣ୍ମୟ ମୂର୍ତ୍ତି।

ଢେଙ୍କାନାଳ,୩୦।୧୦(ରତନ ନାୟାର)

ଢେଙ୍କାନାଳ ଗୁଡିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ଲକ୍ଷ୍ମୀପୂଜାକୁ ଅତି ଆଡ଼ମ୍ବରରେ ପାଳନ କରାଯାଉଛି। ଅନୁଷ୍ଠାନ ପକ୍ଷରୁ ୨୦୧୮ ମସିହାରୁ ମା’ଙ୍କ ଚାନ୍ଦିମେଢ କରାଯାଉଛି। ଚାନ୍ଦି ମେଢରେ ମା’ ଝଲସୁଛନ୍ତି। ସେହିପରି ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ଦିଲ୍ଲୀର ଲୋଟସ୍ ଟେମ୍ପଲ ସଦୃଶ ବିରାଟ ତୋରଣ ଶ୍ରଦ୍ଧାଳୁଙ୍କ ପାଇଁ ଆକର୍ଷଣ ସାଜିଛି। ଏହି ତୋରଣ ନିକଟରେ ଫଟୋ ଓ ସେଲ୍‌ଫି ନେବା ପାଇଁ ଲୋକଙ୍କ ଭିଡ ଜମୁଛି। ଚଳିତବର୍ଷ ପ୍ରାୟ ୨୦ଲକ୍ଷ ଟଙ୍କାର ବଜେଟ ହୋଇଥିବାବେଳେ ତୋରଣ ଓ ଆଲୋକମାଳା ପାଇଁ ୧୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଓଡିଶାର ପଦ୍ମପୁର ଓ କଲିକତାର କାରିଗରମାନେ ଏହାର ନିର୍ମାଣ କରିଛନ୍ତି। ଏହି ପୂଜା ପ୍ରତିଷ୍ଠାନରେ ମା’ଙ୍କ ପୂଜା ଚଳିତବର୍ଷ ୭୦ ବର୍ଷରେ ପହଞ୍ଚିଛି। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପ୍ରସ୍ତୁତି ଜାରି ରହିଛି। ପୂଜା ମଣ୍ଡପ ନିକଟରେ ଦୋଳି ଓ ମିନାବଜାର ଅନ୍ୟତମ ଆକର୍ଷଣ ସାଜିଛି। ପ୍ରତିଷ୍ଠାନ ସଭାପତି ପ୍ରଦୀପ ମହାନ୍ତି ଓ ସମ୍ପାଦକ ସଞ୍ଜୀବ ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠାନ ସଦସ୍ୟ ଓ କର୍ମକର୍ତ୍ତାମାନେ ବେଶ୍ ଉତ୍ସାହର ସହ ପୂଜା ପାଳନ କରୁଛନ୍ତି।

# ଗଜଲକ୍ଷ୍ମୀ ପୂଜା: ଉତ୍ସବମୁଖର ମାଳପୁରା

କାମାକ୍ଷାନଗର,୩୦।୧୦(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମାଳପୁରା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଧୁମ୍‌ଧାମରେ ପାଳନ କରାଯାଉଛି। ଦୀର୍ଘ ୧୮ବର୍ଷ ହେବ ଗ୍ରାମବାସୀ ମା’ଙ୍କ ପୂଜା କରିଆସୁଛନ୍ତି। କୁମାର ପୂର୍ଣ୍ଣିମା ଦିନ ଗ୍ରାମର ପୁଷ୍କରିଣୀରୁ ଏକ କଳସ ଯାତ୍ରାରେ ବ୍ରତଧାରୀମାନେ କଳସରେ ଜଳ ଆଣି ସ୍ଥାପନ କରିବା ପରେ ମା’ ଲକ୍ଷ୍ମୀଙ୍କୁ ଆବାହନ କରାଯାଇଥିଲା। ଲକ୍ଷ୍ମୀପୂଜା ପାଇଁ ଶ୍ରଦ୍ଧାଳୁମାନଙ୍କ ସମାଗମ ଦେଖିବାକୁ ମିଳିଛି। ମୁଖ୍ୟ ପୁରୋହିତ ଭବାନିଶଙ୍କର ମିଶ୍ର, କର୍ତ୍ତା ପ୍ରେମାନନ୍ଦ ବିଶ୍ୱାଳ ପରିଚାଳନା କରୁଛନ୍ତି। ମାଳପୁରା ପୂଜା କମିଟି କର୍ମକର୍ତ୍ତା ଶୁଭାଶିଷ ରାଉତ, ଯଜ୍ଞେଶ୍ୱର ନାୟକ, ଜ୍ୟୋତି ରଞ୍ଜନ ରାଉଳ, ସନ୍ତୋଷ ରାଉତ, ରମାକାନ୍ତ ବିଶ୍ୱାଳ, ଶାଶ୍ୱତ ସାହୁ, ଅଂଶୁମାନ ସାହୁ, ବିଶ୍ୱନାଥ ମହାରଣା, କଇରା ସାହୁ, ଲଳିତ ପରିଡ଼ା ପ୍ରମୁଖ ସହଯୋଗ କରୁଛନ୍ତି।



# ସଦର ବ୍ଲକ୍‌ରେ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

ଢେଙ୍କାନାଳ,୩୦।୧୦(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ସମ୍ମିଳନୀ କକ୍ଷରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଅଧ୍ୟକ୍ଷା ରାଜଶ୍ରୀ ନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ବିତ୍ତ ଅଧିକାରୀ କୁମୁଦ ବିହାରୀ ଲେଙ୍କା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତା ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ସଦର ବ୍ଲକର ସମିତିସଭ୍ୟ, ସରପଞ୍ଚ, ସଦର ବ୍ଲକର କର୍ମଚାରୀ, ଅଗ୍ନିଶମ ବିଭାଗ କର୍ମଚାରୀ, ଓଡ୍ରାଫ କର୍ମଚାରୀ ତଥା ଶିକ୍ଷକ ଏବଂ କୃତୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ପ୍ରସ୍ତୁତି ଦିବସର ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ବରିଷ୍ଠ ସହକାରୀ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ଓ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ଯୋଗଦେଇ ବିପର୍ଯ୍ୟୟର ସଫଳ ମୁକାବିଲା, ବିପର୍ଯ୍ୟୟ ପ୍ରକାର ଭେଦ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରବନ୍ଧ, ଚିତ୍ରାଙ୍କନର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ଅଗ୍ନିଶମ ବିଭାଗକୁ ସମ୍ମାନିତ କରାଯାଇଥିଲା। ସମ୍ପ୍ରସାରଣ ଅଧିକାରୀ ଅନିତା ଦାଶ ଧନ୍ୟବାଦ ଦେଇଥିଲେ।


ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଅବସରରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

# କୈଳାସଗିରିରେ ବିରାଜିଛନ୍ତି ମା ଲକ୍ଷ୍ମୀ’


କଲେଜ ବଜାର ପୂଜା ପ୍ରତିଷ୍ଠାନର ମେଢ଼।


ଲକ୍ଷ୍ମୀ ପୂଜା ଅବସରରେ ହୋଇଥିବା ଆକର୍ଷଣୀୟ ତୋରଣ।

### କଲେଜ ବଜାର ପୂଜା ପ୍ରତିଷ୍ଠାନର ଆକର୍ଷଣୀୟ ମଣ୍ଡପ

ଢେଙ୍କାନାଳ,୩୦।୧୦(ରତନ ନାୟାର)

ଢେଙ୍କାନାଳସ୍ଥିତ ମା’ ସୁନ୍ଦରଶୁଣୀ ଆସ୍ଥାନ କଲେଜ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ଲକ୍ଷ୍ମୀପୂଜାରେ ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଛି। ରଙ୍ଗିନ ଆଲୋକମାଳାରେ କଲେଜ ବଜାର ଅଞ୍ଚଳ ଝଲସୁଛି। ଚଳିତବର୍ଷ ପୂଜା ପ୍ରତିଷ୍ଠାନ ପକ୍ଷରୁ କୈଳାସଗିରି ସଦୃଶ ପର୍ବତମାଳାର ଦୃଶ୍ୟକୁ ପ୍ରଦର୍ଶିତ କରାଯାଇ ଏହା ମଧ୍ୟରେ ମା’ ଗଜଲକ୍ଷ୍ମୀଙ୍କ ବିଜେ କରାଯାଇଛି। କୈଳାସଗିରି ପର୍ବତମାଳା ଶିଖରରେ ରହିଛନ୍ତି ଦେବଦେବ ମହାଦେବ ଏବଂ ତାଙ୍କ ମୁଣ୍ଡ ଉପରୁ ପାଣି ବାହାରୁଛି। ଆଲୋକମାଳାରେ ସାଜସଜ୍ଜା କୈଳାସଗିରି ପର୍ବତମାଳା ରାତିରେ ଶ୍ରଦ୍ଧାଳୁମାନଙ୍କୁ ବେଶ୍ ଆକର୍ଷିତ କରୁଛି। ଫଟୋ ଓ ସେଲଫି ଉଠାଇବା ପାଇଁ ମଣ୍ଡପ ସମ୍ମୁଖରେ ଲୋକମାନଙ୍କ ଭିଡ ଜମୁଛି। କଲେଜ ବଜାର ପୂଜା ପ୍ରତିଷ୍ଠାନର ପୂଜା ଉତ୍ସବ ଚଳିତବର୍ଷ ୬୫ ବର୍ଷର ପହଞ୍ଚିଛି। ଚଳିତବର୍ଷ ପ୍ରାୟ ୮ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ୩ ଲକ୍ଷ ଟଙ୍କା ବ୍ୟୟରେ ମଣ୍ଡପ ସାଜସଜ୍ଜା ହୋଇଛି। କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର କାରିଗରମାନେ ମଣ୍ଡପକୁ ସାଜସଜ୍ଜା କରିଛନ୍ତି। ପୂଜା ପ୍ରତିଷ୍ଠାନ ସଭାପତି ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ମିଶ୍ର, ସମ୍ପାଦକ ଅଶୋକ କୁମାର ମହାପାତ୍ରଙ୍କ ସମେତ କର୍ମକର୍ତ୍ତାମାନେ ପୂଜା ଉତ୍ସବକୁ ଜାକଜମକର ସହ ପାଳନ କରୁଛନ୍ତି।

# ୪୬୦ ଲିଟର ମଦ ଜବତ

କାମାକ୍ଷାନଗର, ୩୦।୧୦ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢ଼ାଉ କରି ୬୮୦୦ ଲିଟର ପୋଚ ଏବଂ ୪୬୦ ଲିଟର ଦେଶୀମଦ ଜବତ କରିଛି। ଢେଙ୍କାନାଳ ଜିଲା ଅବକାରୀ ଅଧୀକ୍ଷକ



ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ କାମାକ୍ଷାନଗର ଅବକାରୀ ସବ୍‌ଇନ୍ସପେକ୍ଟର ଦୀପ ଦ୍ୟୋତନ ବିଶ୍ୱାଳ ଚଢ଼ାଉ କରି କଙ୍କଡ଼ାହାଡ଼ ଥାନା ଢୋଲଖମଣରୁ ୧୨୦୦ ଲିଟର ପୋଚ, ବାଲିକୁମାରୁ ୧୯୦୦ ଲିଟର ପୋଚ ସହିତ ୧୭୦ ଲିଟର ଦେଶୀ ରନ୍ଧାମଦ ଏବଂ ଖଇରୀଭଙ୍ଗାରୁ ୩୭୦୦ ଲିଟର ପୋଚ ସହିତ ୨୯୦ ଲିଟର ଦେଶୀମଦ ଜବତ କରିଥିଲେ। ଏହି ମାମଲାରେ କାହାରିକୁ ଗିରଫ କରାଯାଇ ନାହିଁ। ଅବକାରୀ ବିଭାଗ ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

# ରାମ ମନ୍ଦିର ଦର୍ଶନ ପାଇଁ ନିମନ୍ତ୍ରଣ ଦେଲେ କେନ୍ଦ୍ରମନ୍ତ୍ରୀ



କାର୍ଯ୍ୟକ୍ରମରେ ଯୋଗଦେବାକୁ ପହଞ୍ଚିଥିବା କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।

ତାଳଚେର,୩୦।୧୦ (ମନୋଜ ନନ୍ଦ)

ଭଗବାନ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟାରେ ଭବ୍ୟ ମନ୍ଦିର ନିର୍ମାଣ ଚାଲିଛି। ଆସନ୍ତା ଜାନୁୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ହେବ। ଅନୁଗୋଳ ଜିଲା ତାଳଚେର ଅଞ୍ଚଳରୁ ଅଧିକରୁ ଅଧିକ ସଂଖ୍ୟାରେ ଲୋକ ଏହି ଭବ୍ୟ ମନ୍ଦିର ଦେଖିଯିବା ପାଇଁ ନିମନ୍ତ୍ରଣ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

ତାଳଚେର ବ୍ଲକ କଙ୍କିଳି ଗ୍ରାମ ଡାଇମଣ୍ଡ କ୍ଲବର ବାର୍ଷିକ ଉତ୍ସବ ତଥା ପାଇକ ଆଖଡା ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ ଯେ, ତାଳଚେରର ସ୍ଥାନ ସ୍ୱତନ୍ତ୍ର। ଏଠାରେ ଗଣେଶ ପୂଜା ଠାରୁ ଦଶହରା, ଦୀପାବଳି ପର୍ଯ୍ୟନ୍ତ ବର୍ଷ ତମାମ ବିଭିନ୍ନ ଉତ୍ସବ ପାଳିତ ହୋଇଥାଏ। କରୋନା ପରେ ସମାଜରେ ଧାର୍ମିକ ଓ ଆଧ୍ୟାତ୍ମିକ ଭାବନା ବଢ଼ିଛି। ଦେଶ ଦ୍ରୁତ ଗତିରେ ସବୁ କ୍ଷେତ୍ରରେ ଆଗକୁ ବଢ଼ୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ତାଳଚେରର ମାଟି, କଂକିଳି ଗ୍ରାମର ପବିତ୍ର ମାଟି ଦିଲ୍ଲୀର କର୍ତ୍ତବ୍ୟ ପଥରେ ଅମୃତ ବାଟିକାରେ ସ୍ଥାନ ପାଇଛି। ସ୍ୱାଧୀନତାର ୭୫ ବର୍ଷରେ ଅମୃତ କାଳରେ ୨ଟି ବଡ଼ ଉପଲବ୍ଧି ଦେଶକୁ ମିଳିପାରିଛି। ଯେଉଁ ଇଂରେଜ ଆମକୁ ୨୫୦ ବର୍ଷ ଧରି ଶାସନ କରିଥିଲେ, ଆମେ ସେହି ଦେଶର ଅର୍ଥନୀତିକୁ ପଛରେ ପକାଇ ପାରିଛୁ। ଏବେ ସେହି ଦେଶର ପ୍ରଧାନମନ୍ତ୍ରୀ ଋଷି ସୁନକ ଜଣେ ଭାରତୀୟ ବଂଶୋଦ୍ଭବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା କାଳନ୍ଦୀ ସାମଲଙ୍କ ସମେତ କ୍ଲବ ସଭାପତି, ସାଧାରଣ ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦୁର୍ନୀତି ନିବାରଣ ନେଇ ଶପଥ ପାଠ



ଜିଲା କାର୍ଯ୍ୟାଳୟ ଓସୱାନ ହଲ୍‌ଠାରେ ଦୁର୍ନୀତି ନିବାରଣ ଶପଥପାଠ କାର୍ଯ୍ୟକ୍ରମ।

ଅନୁଗୋଳ,୩୦।୧୦(ଅମିତ କୁମାର ସାମଲ)

ଅକ୍ଟୋବର ୩୦ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି। ଏହି ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ। ସମାଜର ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତେ ଆଗେଇ ଆସିବା ସହ ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରି ରାଜ୍ୟକୁ ଦୁର୍ନୀତି ମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅନୁଗୋଳ ଜିଲା କାର୍ଯ୍ୟାଳୟ ଓସୱାନ ହଲ୍‌ଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଉପସ୍ଥିତ ରହିବା ସହ ଏହି କାର୍ଯ୍ୟକ୍ରମରେ ଯୋଡ଼ିହୋଇ ଶପଥ ପାଠ କରିଥିଲେ। ଅତିରିକ୍ତ ଜିଲାପାଳଙ୍କ ସହ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ଯୁଗ୍ମ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠଙ୍କ ସମେତ ଜିଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଜିଲାର ସମସ୍ତ ଉପଖଣ୍ଡ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଗ୍ରାମ ପଞ୍ଚାୟତ, ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଆନ୍ଦୋଳନ ଚେତାବନୀ ଦେଲା ସାମାଜିକ ସୁରକ୍ଷା ମଞ୍ଚ

## ପ୍ରତିଶ୍ରୁତି ପାଳନ କରୁନି ବନ ବିଭାଗ

ଅନୁଗୋଳ,୩୦।୧୦ (ଅମିତ କୁମାର ସାମଲ)

ହାତୀ ପାଇଁ ଅନୁଗୋଳ ଜିଲା ବନ୍ତଳା ଅଞ୍ଚଳର ୧୨୮ ଗ୍ରାମର ଲୋକେ ହୀନସ୍ତା ହେଉଥିଲେ ମଧ୍ୟ ବନ ବିଭାଗ ଓ ପ୍ରଶାସନ ପ୍ରତିଶ୍ରୁତି ମୁତାବକ ପଦକ୍ଷେପ ନେଇପାରି ନାହିଁ। ଏକ ନରହନ୍ତା ଦନ୍ତା ୮ରୁ ଅଧିକ ଗୋରୁ ମାରିଥିବାବେଳେ ୩ଟି ଗୁହାଳ ଘର ଭାଙ୍ଗି ସାରିଲେଣି। ଚାଷ ଜମି ମଧ୍ୟ ଉଜାଡି ସାରିଲେଣି ବୋଲି ସାମାଜିକ ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯିବା ସହ



ସାମାଜିକ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଏ ନେଇ ସୋମବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ ଦର୍ଶାଯାଇଛି, ଗତ ୧୬ ଏବଂ ୧୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପରେ ଉପଜିଲାପାଳଙ୍କ ମଧ୍ୟସ୍ଥତାରେ ବନଖଣ୍ଡ ଅଧିକାରୀ ଆଲୋଚନା କରିଥିଲେ। ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ। ହେଲେ ୧୨ ଦିନ ପରେ ମଧ୍ୟ ପ୍ରତିଶ୍ରୁତି ପାଳନ କରାଯାଇ ନାହିଁ। ଫଳରେ ହାତୀପଲଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ସୁରକ୍ଷା ମଞ୍ଚ ସଭାପତି ତପନ ଦେହରୀ, ସଂଯୋଜକ ଲକ୍ଷ୍ମଣ ସାହୁ, ସାଧାରଣ ସମ୍ପାଦକ ହରେକୃଷ୍ଣ ପ୍ରଧାନ, ଉପସଭାପତି କଳ୍ପପାଣି ନାଏକ, କୋଷାଧ୍ୟକ୍ଷ ସଞ୍ଜୟ ସାହୁ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ରାଉତ, ଉପଦେଷ୍ଟା ହାଡିବନ୍ଧୁ ଦେହରୀ, ସିଲୁ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ପାଲଲହଡ଼ା,୩୦।୧୦(ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଉପଖଣ୍ଡର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତିନିବାରଣ ସଚେତନତା ସପ୍ତାହ ଅବସରରେ ଶପଥ ପାଠ କରାଯାଇଛି। ସମସ୍ତ ସରକାରୀ ବିଭାଗ ମୁଖ୍ୟଙ୍କ ପୌରୋହିତ୍ୟରେ କର୍ମଚାରୀମାନେ ସାଧୁତାର ଶପଥପାଠ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଘାଟନର ଭିଡିଓ କନଫରେନ୍ସ ମାଧ୍ୟମରେ ସିଧାପ୍ରସାରଣ ଅବସରରେ ପାଲଲହଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓସୱାନ ପ୍ରକୋଷ୍ଠରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲାପାଳ ସୁଶାନ୍ତ କୁମାର ପତି, ବିଡିଓ ଦିଲୀପ କୁମାର ବାଡାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ପାଲଲହଡ଼ା,୩୦।୧୦ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ପାଲଲହଡ଼ା ବିଧାୟକ ମୁକେଶ ପାଲ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନିଜିଗଡ଼ ପଞ୍ଚାୟତର ସ୍କୁଲସାହି ଲକ୍ଷ୍ମୀପୂଜା ଗୃହ, ଶାସନସାହିସ୍ଥିତ ବାଳିକା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ, ସାମିଆପାଲି ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହକୁ ଏମ୍‌ପି ଓ ବିଧାୟକ ଉଦ୍‌ଘାଟନ କରିଥିଲେ। ସେହିପରି କରଡ଼ାପାଳ ପଞ୍ଚାୟତର ମାକଡଚୁଆ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ, କ୍ଷେମଳା ପଞ୍ଚାୟତ ବାରକୋଟିଆ ପ୍ରାଥମିକ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ବାରକୋଟିଆ ଗ୍ରାମ ଗୋଷ୍ଠୀକେନ୍ଦ୍ର, ବାଲିପଶି ଗ୍ରାମ କୀର୍ତ୍ତନ ଗୃହ, ମାକଡଚୁଆ ଗ୍ରାମ ଗୋଷ୍ଠୀକେନ୍ଦ୍ର ଆଦିର ଉଦ୍‌ଘାଟନ କରାଯାଇଥିବା ବେଳେ କ୍ଷେମଳା ପଞ୍ଚାୟତ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, ଜିଲାପରିଷଦ ସଦସ୍ୟ ବୁଦ୍ଧୁରାମ ବୋଇପାଇ, ସାବିତ୍ରୀ ମାଝି, ବିଜେଡି ବ୍ଲକ ସଭାପତି ଗଙ୍ଗାଧର ଜିତ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ଏମ୍‌ପିଙ୍କ ପ୍ରତିନିଧି ଅଜିତ ବେହେରାଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଦଳୀୟ ନେତା, ଗ୍ରାମବାସୀ, ଛାତ୍ରୀଛାତ୍ରୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।



ସ୍କୁଲସାହି କୋଠଘର ଉଦ୍‌ଘାଟନ ଅବସରରେ ଏମ୍‌ପି ଓ ବିଧାୟକଙ୍କ ସମେତ ଅନ୍ୟମାନେ।

# ଲକ୍ଷ୍ମୀପୂଜା ପାଇଁ ଗାଁ ଚଳଚଞ୍ଚଳ



ବଇଣ୍ଡା,୩୦।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକର ବିଭିନ୍ନ ଗ୍ରାମରେ ରବିବାରଠାରୁ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ପୂଜା ପାଇଁ ସମଗ୍ର ଗ୍ରାମ ଚଳଚଞ୍ଚଳ ହୋଇପଡିଛି। ବଇଣ୍ଡା ବସ୍‌ଷ୍ଟାଣ୍ଡ, କଦଳୀମୁଣ୍ଡା, ବୈଷ୍ଣବସାହି, ଆନନ୍ଦମୁଣ୍ଡା, ନୁନୁକାପଶି, ଇଚ୍ଛାପୁର, ବାଦୀବାହାଳ, ହଣ୍ଡପା ବଜାର, ହଣ୍ଡପା ଛକ, ହଣ୍ଡପା ତଳସାହି ନାକିଚି, ସରିଗୀପାଲି, ଢୁରୁଡ଼ା, ସଞ୍ଜାମୁରା, ଖଣ୍ଡହତା, ବାମୁର, ଆଠମଲ୍ଲିକ ବ୍ଲକର ଠାକୁରଗଡ଼, ସିମିଳିଆ, ପାଇକସାହି, ସାପଘରା ଆଦି ଅଞ୍ଚଳରେ ଲକ୍ଷ୍ମୀ ପୂଜା ପାଳିତ ହେଉଛି। ରଙ୍ଗବେରଙ୍ଗ ଆଲୋକମାଳାରେ ଗାଁ ଝଲସି ଉଠୁଥିବାବେଳେ ପୂଜା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଉଛି। କମିଟିର କେଶବ ଶତପଥୀ, ବସନ୍ତ ସାହୁ, ମନୋଜ ସାହୁ, ସଞ୍ଜୀବ ପ୍ରଧାନ, ସନ୍ତୋଷ ସାହୁ, ଅଜିତ ପଟ୍ଟନାୟକ, ଅରବିନ୍ଦ ପ୍ରଧାନ, ଜଗନ୍ନାଥ ବେହେରା, ପାପୁନା ମହାପାତ୍ର, ମାନସ ସାହୁଙ୍କ ସମେତ କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି।







कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, गोड्डा

ई–प्रोक्योरमेंट सूचना

ई–निविदा सूचना सं० – RCD/GODDA/1344/2023-24 दिनांक– 30/10/2023

1. निविदा आमंत्रित करने वाले अधिकारी के कार्यालय का नाम, पता एवं मो0 नं0 – कार्यपालक अभियंता, प0नि0वि0, पथ प्रमण्डल, गोड्डा मो0 नं0– 8987675852
2. वेबसाईट में ई–निविदा प्रकाशन की तिथि/समय – 07.11.2023 के अपराह्न 03:30 बजे से
3. प्री–बीड बैठक का दिनांक/समय– 14.11.2023 के पूर्वाह्न 11:30 बजे
4. ऑनलाईन निविदा प्राप्त करने की अन्तिम तिथि/समय– 23.11.2023 के दोपहर 12:00 बजे तक
5. ई–निविदा खोलने की तिथि/समय– 24.11.2023 के अपराह्न 12:30 बजे
6. ई–प्रोक्योरमेंट सेल का हेल्पलाईन सं० /दूरभाष सं० – 0651–2446007

कार्य की विवरणी :–

| क्र० | कार्य का नाम | प्राक्कलित राशि (लाख में) | बीड जमानत की राशि (लाख में) | परिमाण विपत्र का मूल्य (लाख में) | कार्य पूर्ण करने की अवधि |
|---|---|---|---|---|---|
| 1. | गोड्डा जिलान्तर्गत "मोहनपुर (NH-133 पर) से करमाटॉंड पथ भाया सिन्नी–ईमलीटॉंड पथ (कुल लंबाई– 20.64 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 6029.76047 | 60.30 | 10,000/– | 16 माह |
| 2. | गोड्डा जिलान्तर्गत "घटियारी (टेसोबथान– महादेव बथान पथ पर)–रतनपुर– राजपोखर (सुंदर डैम) पथ (कुल लंबाई– 11.720 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 3862.33683 | 38.63 | 10,000/– | 20 माह |
| 3 | पथ प्रमंडल, गोड्डा अन्तर्गत "सुन्दरपहाड़ी (NH-333A)–चंदना–दामा– जमकुदार– अगियामोड़ पथ (कुल लंबाई– 24.440 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 7278.12153 | 72.79 | 10,000/– | 18 माह |

नोट :– 1. प्राक्कलित राशि घट–बढ़ सकती है।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।

PR 310186 Road(23-24).D

कार्यपालक अभियंता,
पथ प्रमण्डल, गोड्डा

# ଉନ୍ନୟନମୂଳକ କାର୍ଯ୍ୟ ତଦାରଖ



କଣିହାଁ,୩୦।୧୦(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକୁ ରବିବାର ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ଦେବଦତ୍ତ ପ୍ରଧାନ ତଦାରଖ କରିଛନ୍ତି। ଅର୍କିଳ ପଞ୍ଚାୟତର ଉନୟନ କାର୍ଯ୍ୟ ସହିତ ମନ୍ଦିର ଉନ୍ନତୀକରଣ ଓ ସମଲ ମିନି ଷ୍ଟାଡିଅମର ବିକାଶ କାର୍ଯ୍ୟ ସାରିବାକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



## ଘର ସମ୍ମୁଖରୁ ବାଇକ୍ ଚୋରି

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ପ୍ରତାପପୁର ଗ୍ରାମର ସୁରେଶ ଦେହୁରୀଙ୍କ ଘର ସାମ୍ନାରୁ ତାଙ୍କ ବାଇକ୍ ଶନିବାର ଚୋରି ହୋଇଥିବା ରବିବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୩୨୭/୨୩ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ସୁରେଶ ବାଇକ୍ ଘର ସମ୍ମୁଖରେ ରଖିଥିବା ବେଳେ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

ବଇଣ୍ଡା,୩୦।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର କିଶୋରନଗର ଛକ ନିକଟରେ ଚଢାଉ କରାଯାଇ ୫ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବୌଦ୍ଧ ଜିଲା ପୁରୁଣାକଟକ ଅଞ୍ଚଳର ଆର୍ତ୍ତତ୍ରାଣ ବେହେରା, ମିଥୁନ ବେହେରାଙ୍କୁ ଗିରଫ କରାଯାଇଛି। ଉଭୟେ ଏକ ବାଇକ ଯୋଗେ ବୌଦ୍ଧରୁ ଅନୁଗୋଳକୁ ଗଞ୍ଜେଇ ଚାଲାଣ କରୁଥିବାବେଳେ ଖବରପାଇ ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢାଉ କରିଥିଲେ।



# ୧୫ରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଚାଷୀ ସୁରକ୍ଷା କମିଟି କର୍ମକର୍ତ୍ତାମାନେ।

ଅନୁଗୋଳ,୩୦।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ୯୨ଟି ଗ୍ରାମର ଚକବନ୍ଦୀ ରେକର୍ଡକୁ ଉଚ୍ଛେଦ କରି ଶାବକ ଦଖଲ ଅନୁଯାୟୀ ପଟ୍ଟା ପ୍ରଦାନ ଏବଂ ଚକବନ୍ଦୀ ରେକର୍ଡ ଉଚ୍ଛେଦ ପର୍ଯ୍ୟନ୍ତ ଚକ ଜମି କିଣାବିକା ବନ୍ଦ ଦାବିରେ ଚାଷୀ ସୁରକ୍ଷା କମିଟି ପକ୍ଷରୁ ଆସନ୍ତା ୧୫ ତାରିଖରୁ ଜିଲାପାଳ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ। କମିଟି ପକ୍ଷରୁ ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

କମିଟି ପକ୍ଷରୁ କୁହାଯାଇଛି, ଜିଲାର ୨୧୦ ଗ୍ରାମରେ ଚକବନ୍ଦୀ ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ମାତ୍ର ସମୟକ୍ରମେ ୯୨ ଗ୍ରାମ ଚକବନ୍ଦୀ ଅନ୍ତର୍ଭୁକ୍ତ ହୋଇଥିବାବେଳେ ୧୧୮ ଗ୍ରାମ ଚକମୁକ୍ତ ହୋଇଥିଲା। ଚକବନ୍ଦୀ ଅନ୍ତର୍ଭୁକ୍ତ ଗ୍ରାମଗୁଡ଼ିକରୁ ଅନେକ ଗ୍ରାମ ଜଳସେଚିତ ନୁହେଁ। ସରକାର ଚକବନ୍ଦୀ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ମଧ୍ୟ ପ୍ରାୟ ୪୦ ବର୍ଷ ହେଲା ପ୍ରଜାମାନଙ୍କୁ ଚକ ଦଖଲ ଦିଆଯାଇନାହିଁ। ଚକବନ୍ଦୀ ଗ୍ରାମଗୁଡିକରେ କୌଣସି ଜମି ଅଧିଗ୍ରହଣ ସମୟରେ ରେକର୍ଡଧାରୀ ଚକ ପ୍ରଜା ଅର୍ଥ ପାଇବାବେଳେ ପ୍ରକୃତ ଦଖଲକାରୀ ତାହାର ସୁଫଳ ପାଉନାହିଁ। ଚକଜମି ଚିହ୍ନଟ କିମ୍ବା ଦଖଲ ନ ଦେବା ଫଳରେ ଜମି ମାଫିଆମାନେ ପ୍ରଶାସନକୁ ପ୍ରଭାବିତ କରି ଶାବକ ଦଖଲ ଥିବା ପ୍ରଜାଙ୍କ ଜମି ହଡପ କରୁଛନ୍ତି। ଚକବନ୍ଦୀ ରେକର୍ଡ ଅନୁଯାୟୀ ଜମି ରେକର୍ଡଧାରୀଙ୍କୁ ଦଖଲ ଦିଆ ନ ଯିବା ଫଳରେ ତାହା ଶାବକ ଦଖଲରେ ରହିଥିବାରୁ ରେକର୍ଡଧାରୀ ଓ ଦଖଲକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜୁଛି। ଏହି ଆଇନକୁ ପରିବର୍ତ୍ତନ କରିବା ପାଇଁ ଅନୁଗୋଳ ଜିଲା ଚାଷୀ ସୁରକ୍ଷା କମିଟି ପକ୍ଷରୁ ଅନୁଗୋଳ ଜିଲାପାଳଙ୍କ ମାଧ୍ୟମରେ ବାରମ୍ବାର ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ଏହି ୯୨ ଗ୍ରାମର ଦାବି ପୂରଣ କରାଯାଉନାହିଁ। ତେଣୁ ଆସନ୍ତା ୧୫ ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚାଷୀ ସୁରକ୍ଷା କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

# ୩୨ ଅଭିଯୋଗର ଶୁଣାଣି

ବଅଁରପାଳ, ୩୦।୧୦ (ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଫିସଠାରେ ମିଳିତ ଜନ ଶୁଣାଣି ଶିବିର ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୩୨ଟି ଅଭିଯୋଗରୁ ୨୮ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ୨ଟି ଅଭିଯୋଗର ତୁରନ୍ତ ଫଇସଲା ଶିବିରରେ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ବଅଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।




ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଗଜଲକ୍ଷ୍ମୀ ପୂଜା ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ



ବାର୍ଷିକ ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଛେଣ୍ଡିପଦା,୩୦।୧୦(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଜରପଡା ପଞ୍ଚାୟତ କୁମୁରସିଙ୍ଗ ଗ୍ରାମ ଲକ୍ଷ୍ମୀ ପୂଜା ପଡିଆଠାରେ ରବିବାର ବାର୍ଷିକ ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ ହୋଇଯାଇଛି। ପୂଜା କମିଟି ସଭାପତି ଅକ୍ଷୟ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର କୁମାର ପ୍ରଧାନ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଏୟୁସିସି ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ନିର୍ଦ୍ଦେଶକ ନାରାୟଣ ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦ ସଦସ୍ୟା ଭାନୁପ୍ରିୟା ପ୍ରଧାନ, ବରିଷ୍ଠ ନେତା ଶରତ କୁମାର ଚନ୍ଦ୍ର ଗଡ଼ନାୟକ, ସରପଞ୍ଚ ବିଦେଶୀ ବେହେରା, ପୂର୍ବତନ ସରପଞ୍ଚ ରସାନନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ କରି ପୂଜା ଆରମ୍ଭ କରିଥିବା ବରିଷ୍ଠ ନାଗରିକଙ୍କ ସହଯୋଗ ଏବଂ ଯୋଗଦାନର ସ୍ମୃତି ଚାରଣ ସହ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଶିକ୍ଷାବିତ୍ କ୍ଷୀରୋଦ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜନ ରକ୍ତଦାନ ଶିବିରରେ ୮୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୂଜା କମିଟି ସମ୍ପାଦକ କୁମୁଦ ଚନ୍ଦ୍ର ସାହୁ, ହିମାଂଶୁ ଶେଖର ମହାନ୍ତି, ନିରାକାର ପ୍ରଧାନ, ସତ୍ୟବ୍ରତ ସାହୁ, ଇତିକାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ମା’ କୁଣ୍ଡେଇବୀରାଙ୍କ ବାର୍ଷିକ ଉତ୍ସବ

ପାଲଲହଡା,୩୦।୧୦
(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡର ଅଧିଷ୍ଠାତ୍ରୀ ଦେବୀ ମା’ କୁଣ୍ଡେଇବୀରାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳୁ ମା’ଙ୍କ ପୀଠରେ ବାର୍ଷିକ ଉତ୍ସବ ନୀତିକାନ୍ତି ଆରମ୍ଭ ହୋଇଥିଲା। ପାଲଲହଡ଼ା ବଳଦେବଜୀଉଙ୍କ ମନ୍ଦିରରୁ ବଲ୍ଲଭ ଭୋଗ ଆସି ମା’ଙ୍କ ନିକଟରେ ଲାଗି ହେବା ପରେ ପାଲଲହଡ଼ା ଗଡ଼ଜାତ ରାଜ୍ୟର ଯୁବରାଜ ବାଲାକ୍ରିଷ୍ଣ ପାଲଙ୍କୁ ବାଜା ବାଣ ରୋଷଣୀରେ ମନ୍ଦିରକୁ ନିମନ୍ତ୍ରଣ କରାଯାଇଥିଲା। ପରେ ମା’ଙ୍କ ପାର୍ଶ୍ୱ ଦେବୀଙ୍କୁ ପୂଜାର୍ଚ୍ଚନା କରି ନଗର ପରିକ୍ରମା କରାଯାଇଥିଲା। ମଧ୍ୟାହ୍ନ ୧୨ଟା ମଧ୍ୟରେ ମାର୍ଜଣା ଆରମ୍ଭ ହୋଇଥିଲା। ଦର୍ଶନ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷ ଦୁଇ ଦିନ ଧରି ଏହି ଉତ୍ସବ ପାଳନ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଦଶହରା କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

ଅନୁଗୋଳ,୩୦।୧୦(ଅମିତ କୁମାର ସାମଲ)

ତାଳଚେର କିଶୋର କ୍ଲବଠାରେ ୫୮ତମ ଦଶହରା କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳର ସର୍ବସାଧାରଣ ମହିଳା ବିଭାଗରେ ପୂଜା ପରିଡ଼ା ଦୌଡ଼ ଓ ଦ୍ରୁତ ଚାଲିରେ ଚାମ୍ପିୟନ ହୋଇଥିଲେ। ଲିଙ୍ଗରାଯୋଡ଼ି ଗ୍ରାମର ସାଇଶ୍ରୀ ପ୍ରଧାନ ଦୌଡ଼, ଦ୍ରୁତ ଚାଲିରେ ଦ୍ୱିତୀୟ, କୁଇଜରେ ତୃତୀୟ ଏବଂ ତର୍କରେ ତୃତୀୟ ସ୍ଥାନ ଅକ୍ତିଆର କରିଥିଲେ। ରୁଚିସ୍ମିତା ଦଣ୍ଡପାଟ ଦ୍ରୁତ ଚାଲିରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଧାରଣ ପୁରୁଷ ବିଭାଗରେ ସୁମନ ଦେହୁରୀ ଦୌଡ଼ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ। ଭେଟେରାନ ଆଥଲେଟ ନୀଳମଣି ଦାସ ଦ୍ରୁତ ଚାଲିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶୁଭମ ଜ୍ୟୋତି ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଆଶୁତୋଷ ଏବଂ ସୁଦୀପ ସାହୁ ୫ କିମି ଦ୍ରୁତ ଚାଲିରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କ୍ଲବ ସଭାପତି ପେସ୍କାର ଗଡ଼ନାୟକ, ବାହ୍ୟ କ୍ରୀଡ଼ା ସମ୍ପାଦକ ଅମୂଲ୍ୟ ରତ୍ନ, ସହ ସମ୍ପାଦକ ହେମନ୍ତ କୁମାର ଦାସ ଏବଂ ସାଧାରଣ ସମ୍ପାଦକ ଦୀପକ କୁମାର ଥଣ୍ଡ ଉପସ୍ଥିତ ଥିଲେ।



କୃତୀ ଖେଳାଳିଙ୍କୁ କେନ୍ଦ୍ରମନ୍ତ୍ରୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ଅଙ୍ଗପଡ଼ାରେ ଶହୀଦ ଦିବସ

ବଇଣ୍ଡା,୩୦।୧୦ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଅଙ୍ଗପଡାଠାରେ ସୋମବାର କିଶୋରନଗର ପୋଲିସ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଅଙ୍ଗପଡା ଗ୍ରାମରେ ଶହୀଦ ହୋଇଥିବା ଦେବାଶିଷ ସେଠୀଙ୍କ ଫୋଟୋରେ ମାଲ୍ୟାର୍ପଣ କରାଯିବା ପରେ ତାଙ୍କ ପିତା ସନାତନ ସେଠୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ କିଶୋରନଗର ଆଇଆଇସି ସଙ୍ଗିତା ମହାପାତ୍ର, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ହୀରାଲାଲ ସେଠୀ, ବାଇଧର ସାହୁ, ଦିଲୀପ ସାହୁଙ୍କ ସମେତ ଗ୍ରାମବାସୀ ଯୋଗଦେଇ ଦେବାଶିଷଙ୍କ ପାଇଁ ଅଙ୍ଗପଡା ଗର୍ବିତ ବୋଲି କହିଥିଲେ।



କିଶୋରନଗର ପୋଲିସ ପକ୍ଷରୁ ଶହୀଦ ଦିବସ ପାଳନ କରାଯାଉଛି।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ



କାମାକ୍ଷାନଗର,୩୦।୧୦(ଅମଜାଦ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ନଗରପାଳ ଧର୍ମାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପନଗରପାଳ ସକୁନ୍ତଳା ସେଠୀଙ୍କ ସହ ସମସ୍ତ କାଉନସିଲର ଏବଂ ସହରର ସମସ୍ତ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ, ଅଗ୍ନିଶମ ଅଧିକାରୀ, ରେଡକ୍ରସ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ରଞ୍ଜୁ ଦାସ ପରିଚାଳନା କରିଥିଲେ। ଶେଷରେ ନଗରପାଳ, ଉପନଗରପାଳ ଓ କାଉନସିଲର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାହସିକତାର ସହ ଜନସାଧାରଣଙ୍କ ଧନଜୀବନ ରକ୍ଷା କରିଥିବା ଅଗ୍ନିଶମ ଅଧିକାରୀ ଓ ରେଡକ୍ରସ ଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସେହିପରି କାମାକ୍ଷାନଗର ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇଯାଇଛି। କାମାକ୍ଷାନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ କର୍ମଚାରୀ, ବନବିଭାଗ ଅଧିକାରୀ ଓ କର୍ମଚାରୀ, ପୋଲିସ କର୍ମଚାରୀଙ୍କ ସହିତ ବ୍ଲକ କର୍ମଚାରୀମାନେ ଯୋଗ ଦେଇଥିଲେ।

# ୬୨ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ,୩୦।୧୦(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବୁରୁକୁନା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ମା’ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅତିଥି ଭାବେ ସରପଞ୍ଚ ଦୁଃଖବନ୍ଧୁ ବେହେରା, ସମିତି ସଭ୍ୟ ଯୁଗଳ କିଶୋର ସାହୁ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଭାବେ ସାମାଜିକ କର୍ମୀ ଶ୍ରବଣ କୁମାର ସାହୁ, ବବୁଲା ପ୍ରଧାନ, ଜିତେନ୍ଦ୍ର ସେଠୀ, ସ୍ମୃତି ରଞ୍ଜନ ପାଣି ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ତାଳଚେର ରକ୍ତ ଭଣ୍ଡାରର ଟେକ୍ନିସିଆନ କୁମୁଦ ସାହୁ, ଗୋପାଳ ବେହେରା, ଲକ୍ଷ୍ମୀ ନାରାୟଣ ପ୍ରଧାନ, ଷ୍ଟାଫନର୍ସ ପଦ୍ମିନୀ ସାହୁ, ତ୍ରିନାଥ ହୋତା, ଚନ୍ଦ୍ରମଣି ନାୟକ, ବଳରାମ ପତି ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ଗିରିଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ସୁନୀଲ ଜେନା, କୌଶିକ ବେହେରା, ତ୍ରିଲୋଚନ ସାହୁ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିମାନେ ଜଣେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

# ୬୭ ମାମଲାର ସମାଧାନ

ପରଜଙ୍ଗ,୩୦।୧୦
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ପଞ୍ଚାୟତ ସଭାଗୃହଠାରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ବ୍ଲକର ୨୯ ପଞ୍ଚାୟତରୁ ଆସିଥିବା ୭୧ ଅଭିଯୋଗର ଶୁଣାଣି କରିଥିଲେ। ଆଗତ ଅଭିଯୋଗ ମଧ୍ୟରୁ ୬୭ଟି ମାମଲା ସମାଧାନ କରିବା ସହ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। କୌଣସି ଅଭିଯୋଗ ଆସିଲେ ତୁରନ୍ତ ସମସ୍ୟାର ସମାଧାନ କରି ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାପାତ୍ର, କାମାକ୍ଷାନଗର ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ପରଜଙ୍ଗ ତହସିଲଦାର ପତିତପାବନ ଦେବତା, ପରଜଙ୍ଗ ବିଡିଓ ମନ୍ମଥ ନାୟକ, ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ପରଜଙ୍ଗ ଥାନା ଡିଏସ୍‌ପି ଲରେନ ରାଉତରାୟ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରାଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଏବଂ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଜନ ଅଭିଯୋଗ ଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀମାନେ ମାମଲାଗୁଡ଼ିକର ଶୁଣାଣି କରୁଛନ୍ତି।

# କାର୍ଯ୍ୟ ବନ୍ଦ କରିବେ ଠିକା ଶ୍ରମିକ



ନିଯୁକ୍ତି ଦାବିରେ ୫ ଦିନ ହେଲା ଏନ୍‌ଟିପିସି ପ୍ରକଳ୍ପ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିବା ପ୍ରମିଳା ନାଏକଙ୍କୁ ଠିକା ଶ୍ରମିକମାନେ ସମର୍ଥନ ଜଣାଉଛନ୍ତି।

କଣିହାଁ,୩୦।୧୦(ସଚ୍ଚିଦାନନ୍ଦ ପ୍ରଧାନ)

ଏନ୍‌ଟିପିସି ମେଣ୍ଟେନାନ୍ସ କାମରେ ନିଯୁକ୍ତି ଦାବିରେ କଣିହାଁ ବ୍ଲକ ଗଦାଶିଳା ଗ୍ରାମର ପ୍ରମିଳା ନାଏକ ଏବଂ ତାଙ୍କ ପୁଅ ପ୍ରକଳ୍ପ ମୁଖ୍ୟ ଫାଟକ ସମ୍ମୁଖରେ ୫ଦିନ ହେଲା ଧାରଣା ଦେଇଥିଲେ ହେଁ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ସେହିପରି ଠିକା ଶ୍ରମିକମାନଙ୍କ ଉପରେ ବିଭିନ୍ନ କଟକଣା ଓ ଅଯଥାର୍ଥ ନୀତି ଲଦି ଦିଆଯାଉଛି। ଏଥିରେ

### ଅନ୍ୟାୟ ପଦକ୍ଷେପକୁ ବିରୋଧ

ଅତିଷ୍ଠ ଠିକା ଶ୍ରମିକମାନେ ଏହି ଅନ୍ୟାୟ ପଦକ୍ଷେପ ବିରୋଧରେ ମଙ୍ଗଳବାର ସକାଳ ୬ଟା ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ସୋମବାର ବାଇପାସ ଛକଠାରେ ସମବେତ ହୋଇ ଘୋଷଣା କରିଛନ୍ତି।

ଘଟଣାରୁ ଜଣାପଡିଛି, ଗଦାଶିଳା ଗ୍ରାମର ଠିକା ଶ୍ରମିକ ପ୍ରମୋଦ ନାଏକ କ୍ୟାନଶରରେ ପୀଡିତ ହୋଇ ଗତ ୯ ଅଗଷ୍ଟ ୨୦୨୨ରେ ପ୍ରାଣ ହରାଇଥିଲେ। ପରେ ଏନ୍‌ଟିପିସି ମେଣ୍ଟେନାନ୍ସ କାମରେ ନିଯୁକ୍ତି ପାଇଁ ପ୍ରମୋଦଙ୍କ ସ୍ତ୍ରୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ହେଲେ ନିଯୁକ୍ତି ନ ମିଳିବାରୁ ଏହାର ପ୍ରତିବାଦରେ ଗତ ଗୁରୁବାରଠାରୁ ପ୍ରମିଳା ଓ ତାଙ୍କ ପୁଅ ପ୍ରଦ୍ୟୁମ୍ନ (୧୨) ପ୍ରକଳ୍ପ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ହେଲେ ୫ ଦିନ ପରେ ବି କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ଠିକା ଶ୍ରମିକମାନେ ଏହାର ପ୍ରତିବାଦ କରିବା ସହ ଧାରଣାରତ ପ୍ରମିଳାଙ୍କୁ ସମର୍ଥନ ଦେଇଛନ୍ତି। ଏଥିସହ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଅନ୍ୟାୟ ପଦକ୍ଷେପକୁ ବିରୋଧ କରି ମଙ୍ଗଳବାର ସକାଳୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଘୋଷଣା କରିଛନ୍ତି।

